# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 September – 2025

### News Editor : Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ସାର ଯୋଗାଣ ସ୍ଥିତି ନେଇ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ; ସାର ସଙ୍କଟର ମୁକାବିଲା ଓ ସୁବ୍ୟବସ୍ଥିତ ଆବଣ୍ଟନ ଉପରେ ଦେଲେ ଗୁରୁତ୍ୱ
- ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ଆସନ୍ତା ମଙ୍ଗଳବାର ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ
- ଭୁବନେଶ୍ୱରରେ ୪୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଆଦର୍ଶ ଗୋଶାଳା

ଏବଂ

- ପୁରୀରେ ଆଜିଠାରୁ ଆରମ୍ଭ ହେଉଛି ତୃତୀୟ ସର୍ବଭାରତୀୟ ଟି-ଟ୍ୱେଣ୍ଟି ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତା

## ସାର ଆବଣ୍ଟନ-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ସାର ଆବଣ୍ଟନ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ ଜାରି ରହିଛି। ବୈଠକରେ ବିଭିନ୍ନ ଜିଲ୍ଲାର ସାର ସଙ୍କଟ ନେଇ ଅଭିଯୋଗ ଉପରେ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ସାର ସଙ୍କଟର ମୁକାବିଲା ସହ ସୁବ୍ୟବସ୍ଥିତ ଆବଣ୍ଟନ ନେଇ ବୈଠକରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ସାମିଲ ହୋଇଛନ୍ତି।

## ସର୍ବଦଳୀୟ ବୈଠକ

ରାଜ୍ୟ ବିଧାନସଭା ମୌସୁମୀ ଅଧିବେଶନ  ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଅଧିବେଶନ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଆସନ୍ତା ମଙ୍ଗଳବାର ଦିନ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଗୃହକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବାଚସ୍ପତି ସବୁ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ଅଧିବେଶନ ଆସନ୍ତା ୨୫ ତାରିଖ ଯାଏଁ ଚାଲିବ ବୋଲି ଜଣାପଡିଛି। ଏହି ଅଧିବେଶନରେ ୭ଟି କାର୍ଯ୍ୟଦିବସ ରହିଛି।

## ବାଣୀବିହାର ହଷ୍ଟେଲ

ଭୁବନେଶ୍ୱରସ୍ଥିତ ବାଣୀବିହାର ପରିସରରେ ଆଜିଠାରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ପରିସର ମଧ୍ୟରେ ଅନଧିକୃତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଜବର ଦଖଲରେ ରହିଥିବା କର୍ମଚାରୀଙ୍କ ଆବାସଗୃହକୁ ଖାଲି କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ ହୋଇଛି। କର୍ମଚାରୀ ଆବାସ ଗୃହ ଖାଲି କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜବର ଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ନୋଟିସ୍‌ର ଅବଧି ଶେଷ ହେବା ପରେ ଆଜିଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ୪ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ବାଣୀବିହାର ହଷ୍ଟେଲରୁ ଅଣଛାତ୍ରଙ୍କୁ ଇତିମଧ୍ୟରେ ବାହାର କରିଦିଆଯାଇଛି।

## ବିନା ଅନୁମତିରେ ଶିକ୍ଷାନୁଷ୍ଠାନ

ସରକାରୀ ଅନୁମତି ନଥାଇ କାର୍ଯ୍ୟ କରୁଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏ ସମ୍ପର୍କରେ ଘରୋଇ ବିଦ୍ୟାଳୟଗୁଡ଼ିକଠାରୁ ତଥ୍ୟ ମଗାଯାଇଛି। ଆସନ୍ତା ୧୫ ତାରିଖକୁ  ତଥ୍ୟ ଦାଖଲର ସମୟସୀମା ଧାର୍ଯ୍ୟ କରାଯାଇଛି।

## ଦୁର୍ନୀତି ପ୍ରତିହତ

ରାଜ୍ୟରେ ଦୁର୍ନୀତିକୁ ପ୍ରତିହତ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଉପରେ ମୁଖ୍ୟ ଶାସନ ସଚିବ

ମନୋଜ ଆହୂଜା ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ତଥା ଜିଲ୍ଲାପାଳ ଓ ଅନ୍ୟାନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକ କୈନ୍ଦ୍ରୀକ ପ୍ରଶାସନ ପ୍ରତି ସରକାର ପ୍ରତିବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି। ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ମାମଲାଗୁଡ଼ିକ ଉପରେ ଆଲୋକପାତ କରି ସେ କହିଛନ୍ତି, ଏ କ୍ଷେତ୍ରରେ ସକ୍ରିୟ ଏବଂ ନିରନ୍ତର ପଦକ୍ଷେପ ମାଧ୍ୟମରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପ୍ରଶାସନିକ, ଆଇନ୍‌ଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସନ୍ଥାନମ କମିଟି ସୁପାରିଶ ଆଧାରରେ ପ୍ରତ୍ୟେକ ବିଭାଗ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି।

## ଅପରେସନ୍ ପ୍ରହାର

ରାଜ୍ୟକୁ ନିଶାମୁକ୍ତ ତଥା ବେଆଇନ୍ ନିଶାଦ୍ରବ୍ୟ କାରବାରକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ପୁଲିସ୍ ପକ୍ଷରୁ ଅପରେସନ୍ ପ୍ରହାର ଅଭିଯାନ ଆରମ୍ଭ ହୋଇଛି। ଗତ ପହିଲାରୁ ୭ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯାଇଛି। ୧୧୦ଟି ମାମଲା ରୁଜୁ କରାଯାଇଥିବାବେଳେ ୧୫୭ ଜଣଙ୍କୁ ଗିରଫ କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା-ବି.ଏନ୍.ଏସ୍.ଏସ୍.ର

୧୨୯ ଧାରା ଅନୁଯାୟୀ ୭୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେଆଇନ୍ ନିଶାଦ୍ରବ୍ୟ କାରବାରରେ ଜଡିତ ଥିବା ଅଭିଯୋଗ ନେଇ ୩ଟି ବ୍ୟବସାୟ ପ୍ରତିଷ୍ଠାନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି ବୋଲି ଓଡ଼ିଶା ପୁଲିସ୍ ପକ୍ଷରୁ କୁହାଯାଇଛି।

## ଆଇନ୍‌ସେବା ପ୍ରାଧିକରଣ

**କଟକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଏବଂ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପକ୍ଷରୁ ଆସନ୍ତା ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବର୍ଗର ପ୍ରାକ୍ ତଥା ବିଚାରାଧିନ ମାମଲାଗୁଡ଼ିକର ଆପୋଷ ଆଲୋଚନା ମାଧ୍ୟମରେ ଫଇସଲା କରାଯିବ। ଏଗୁଡ଼ିକ ମଧ୍ୟରେ ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, ଦେଓ୍ୱାନୀ, ଫୌଜଦାରୀ, ଚେକ୍ ବାଉନ୍‌ସ୍, ପାରିବାରିକ ତଥା କ୍ଷତିପୂରଣ ଜନିତ ମାମଲା ଅନ୍ତର୍ଭୁକ୍ତ।

## ଆଦର୍ଶ ଗୋଶାଳା

ଭୁବନେଶ୍ୱରରେ ଆଦର୍ଶ ଗୋଶାଳା ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଜଧାନୀକୁ ସମ୍ପୂର୍ଣ୍ଣରୂପେ ବୁଲା ଗାଈଗୋରୁ ମୁକ୍ତ କରିବା ଲକ୍ଷ୍ୟ ନେଇ ୪୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଗୋଶାଳା ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। କ୍ଷୀର ସହିତ ଗୋବର ଏବଂ ଗୋ-ମୂତ୍ରରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତି ନେଇ ପଦକ୍ଷେପ ଗ୍ରହଣ କରାଯିବ। ଗୋଶାଳା ନିର୍ମାଣ ନେଇ ଆନୁଷଙ୍ଗିକ

ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ସହରାଞ୍ଚଳଗୁଡ଼ିକରେ ବିଭିନ୍ନ ସ୍ଥାନରେ ରାସ୍ତାରୁ ବୁଲା ଗୋରୁଗାଇଙ୍କୁ ହଟାଇବା ପାଇଁ ୫ଟି ସ୍ଥାନରେ ଗୋଶାଳା ନିର୍ମାଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

**- V/O –**

## ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଏହି ପଦକ୍ଷେପ ଦ୍ୱାରା ଦୁର୍ବଳ, ନିମ୍ନମଧ୍ୟବିତ୍ତ ଏବଂ ସବୁବର୍ଗର ଲୋକ ଉପକୃତ ହୋଇପାରିବେ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଲୋକଙ୍କ ଆବଶ୍ୟକ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚିକିତ୍ସା ପାଇଁ ଔଷଧ ଏବଂ ଚିକିତ୍ସା ଉପକରଣରେ ଜିଏସ୍‌ଟି ପରିମାଣ ହ୍ରାସ କରାଯାଇଥିବାରୁ ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ଦେଶର ଜନସାଧାରଣ ବିଶେଷ କରି ଗରିବ ଓ ବଂଚିତ ବର୍ଗର ଲୋକେ ଉପକୃତ ହେଉଥିବାବେଳେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଦ୍ୱାରା ଔଷଧ ସୁଲଭ ମୂଲ୍ୟରେ ପାଇପାରିବେ।

**ଦେବଗଡ଼** ଜିଲ୍ଲାରେ ଆଦିବାସୀବହୁଳ ୫୨ଟି ଗ୍ରାମରେ ଲୋକଙ୍କୁ ସରକାରଙ୍କ ପକ୍ଷରୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି। ଜିଏସ୍‌ଟି ହ୍ରାସ ହେବା ଦ୍ୱାରା ଔଷଧ ବ୍ୟବସାୟୀମାନେ ମଧ୍ୟ କମ୍ ମୂଲ୍ୟରେ ଔଷଧ

ପାଇପାରିବେ । ଏ ସମ୍ପର୍କରେ ଦେବଗଡ଼ ଔଷଧ ବ୍ୟବସାୟୀ ସଂଘର ସଭାପତି ମୋତିଲାଲ ଶର୍ମା ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି....

# - V/O –

## ସମୀକ୍ଷା ବୈଠକ

**ନୂଆପଡ଼ା**ଠାରେ ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଂସଦା ଯୋଗଦେଇ କୃଷିଜୀବୀ ତଥା ଶ୍ରମଜୀବୀଙ୍କ ଆୟ ବୃଦ୍ଧି ନେଇ ଉଦ୍ୟାନ କୃଷି ଓ ସମନ୍ୱୟ ବିଭାଗର ମିଳିତ ଉଦ୍ୟମ ଉପରେ ଆଲୋକପାତ କରିଛନ୍ତି । ଉଦ୍ୟାନ କୃଷି ସହିତ ସମନ୍ୱିତ କୃଷିର ସଠିକ ପରିଚାଳନା ହୋଇପାରିଲେ ଜିଲ୍ଲାର ପ୍ରବାସୀ ଶ୍ରମିକ ସମସ୍ୟା ବହୁ ମାତ୍ରାରେ ହ୍ରାସ ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଚଳିତବର୍ଷ ପାଇଁ ସମନ୍ୱିତ ଉଦ୍ୟାନ କୃଷି ଯୋଜନାରେ ଜିଲ୍ଲାରେ ବିଭିନ୍ନ ଜମିରେ ହେବାକୁ ଥିବା ଫଳ, ଫୁଲ ତଥା ପନିପରିବା ଚାଷ  ସମ୍ପର୍କରେ ଶ୍ରୀ ହାଂସଦା ସୂଚନା ପ୍ରଦାନ କରିଛନ୍ତି ।

## କ୍ଷେତ୍ର ପରିଦର୍ଶନ

ରାଜ୍ୟ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ **କନ୍ଧମାଳ** ଜିଲ୍ଲା ଗସ୍ତରେ ଯାଇ ଫିରିଙ୍ଗିଆ ବନାଞ୍ଚଳର କ୍ଷେତ୍ର ପରିଦର୍ଶନ କରିଛନ୍ତି । ବନ୍ଧଗତ ଏବଂ କେଳାପଡା ପଂଚାୟତରେ ବିଭିନ୍ନ ପ୍ରକଳ୍ପର ସ୍ଥିତି ନେଇ କ୍ଷେତ୍ରୀୟ ସମୀକ୍ଷା କରିବା ସହ ଚାରା ରୋପଣ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଟାଙ୍ଗରାପଦା ଅଂଚଳରେ ଚାରାରୋପଣ ପ୍ରକଳ୍ପର ପରିଦର୍ଶନ

କରିଛନ୍ତି। ଶ୍ରୀ ପନ୍ଥଙ୍କ ସହ ବନବିଭାଗର ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଗସ୍ତରେ ଯାଇଥିଲେ।

## ରେଡ୍‌କ୍ରସ୍ ଶପଥପାଠ

**ନବରଙ୍ଗପୁର** ଜିଲ୍ଲା  କୋଶାଗୁମୁଡା ବ୍ଲକ୍‌ରେ ଯୁବ ରେଡକ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ନୂତନ ସ୍ୱେଚ୍ଛାସେବୀ ଅଧିଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଡିଙ୍ଗାସ୍ଥିତ ରାଜଚାଉଁରିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କୁ ରେଡକ୍ରସ୍ ଶପଥପାଠ କରାଯାଇଛି।

## ବଜ୍ରପାତ ମୃତ୍ୟୁ

**ନୂଆପଡ଼ା** ଜିଲ୍ଲା ବୋଡେନ ବ୍ଲକ୍ ଅନ୍ତର୍ଗତ ଡୁଡୁକାମୁଣ୍ଡା ଗ୍ରାମରେ ବଜ୍ରପାତ ଯୋଗୁଁ ଆଜି ଜଣକର ମୃତ୍ୟୁ ହେବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୩ ଜଣ କୃଷକ ବିଲରେ କାମ କରୁଥିବାବେଳେ ବଜ୍ରପାତ ହୋଇଥିଲା।

## ବକ୍ତୃତା ପ୍ରତିଯୋଗିତା

**ଭଦ୍ରକ** ସ୍ୱୟଂଶାସିତ ମହାବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଶିବପ୍ରସାଦ ଖାମୁରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସ୍ୱାମୀ ବିବେକାନନ୍ଦଙ୍କ ଧୈର୍ଯ୍ୟ, ଦୃଢ଼ ଆତ୍ମବିଶ୍ୱାସ, ଇଚ୍ଛାଶକ୍ତି ଏବଂ ନୀତି ଆଦର୍ଶ ଉପରେ ଆଲୋଚନା କରାଯାଇଥିଲା।

## ବନକଲାଗି ନୀତି

ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ଗୁପ୍ତ ନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ଗୁପ୍ତ ନୀତି ପାଇଁ ଆଜି ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## କ୍ରିକେଟ୍ ଚାମ୍ପିୟନସିପ୍

ତୃତୀୟ ସର୍ବଭାରତୀୟ ଟି-୨୦ ଟେନିସ ବଲ କ୍ରିକେଟ୍ ଚାମ୍ପିୟନସିପ୍ ପ୍ରତିଯୋଗିତା ଆଜିଠାରୁ ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମଠାରେ ଆରମ୍ଭ ହେବ । ଅପରାହ୍ଣରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୩୧ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କ ମଧ୍ୟରେ ପୁରୁଷ ବର୍ଗରେ ୨୫ଟି ଏବଂ ମହିଳା ବର୍ଗରେ ୬ଟି ଦଳ ଅନ୍ତର୍ଭୁକ୍ତ। ପ୍ରତିଦିନ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ ତାରିଖ ସନ୍ଧ୍ୟାରେ ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଫାଇନାଲ ମ୍ୟାଚ୍ ଖେଳାଯିବ।

*********************************